# SELFDEFENCE TRAINING 2019




















# ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦ୍‌ଘାଟିତ



ବରଗଡ଼, (ଆପ୍ର): ଗତ ଗୁରୁବାର ଅଞ୍ଚଳ ମହାବିଦ୍ୟାଳରେ ଉଭୟ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀମାନଙ୍କର ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳର ଅଧମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତେନ୍ଦୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ପୋଲିସ ସବ୍‌ଇନ୍‌ସ୍ପେକ୍ଟର ପ୍ରତିମା ଢୁଙ୍ଗଢୁଙ୍ଗ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ତାଲିମ ଶିବିରରେ ସୁଶ୍ରୀ ରୁବିଦ୍ୟ ଧରୁଆ ଓ ସୁଶ୍ରୀ ଅର୍ପିତା ପ୍ରଧାନ ପ୍ରଶିକ୍ଷିକା ଦ୍ୱୟ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର କୌଶଳ ପ୍ରଦାନ କରିଥିଲେ। ଅଧ୍ୟାପିକା ରୀନା ଧର୍ମବିନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଡ. ସନ୍ଧ୍ୟାରାଣୀ କୁଅଁର ଦିଗଦର୍ଶନ ଦେଇଥିଲେ। ଏହି ତାଲିମ ଶିବିର ଆଜିଠାରୁ ଆସନ୍ତା ୧୨ ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଅଧ୍ୟକ୍ଷ ଘୋଷଣା କରିଥିଲେ। ପରିଶେଷରେ ଅଧ୍ୟାପିକା ଶର୍ମିଳା ପଣ୍ଡାଙ୍କ ଧନ୍ୟବାଦ ସହ ଉକ୍ତ ସଭା ସମାପ୍ତ ହୋଇଥିଲା।

# ଅଞ୍ଚଳ ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ



ପଦ୍ମପୁର, ୧୪।୧୧: ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରରେ ଛାତ୍ରୀମାନଙ୍କ ପାଇଁ ଆତ୍ମ ସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଲଳିତେନ୍ଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପଦ୍ମପୁର ପୁଲିସ ଇନ୍‌ସପେକ୍ଟର ପ୍ରତୀମା ଡୁଙ୍ଗଡୁଙ୍ଗ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ବିଷୟରେ ବୁଝାଇବା ସହ ଉତ୍ସାହିତ କରିଥିଲେ। ପ୍ରଶିକ୍ଷିକା ରୁବିତା ଧରୁଆ ଓ ଅର୍ପିତା ପ୍ରଧାନ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷାର କୌଶଳ ପ୍ରଦାନ କରୁଛନ୍ତି। ଅଧ୍ୟାପିକା ରୀନା ଧର୍ମବିନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପିକା ଡ.ସନ୍ଧ୍ୟାରାଣୀ କୁଅଁର ଦିଗ୍‌ଦର୍ଶନ ଦେଇଥିଲେ। ଏହି ତାଲିମ ଶିବିର ଆଗାମୀ ୧୨ଦିନ ଧରି ଚାଲିବ ବୋଲି ଅଧ୍ୟକ୍ଷ ସୂଚନା ଦେଇଥିଲେ। ଶେଷରେ ଅଧ୍ୟାପିକା ଶର୍ମିଳା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।